# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 January - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ଆସନ୍ତା ମଙ୍ଗଳବାର ଦିନ ଭୁବନେଶ୍ୱର ଆସିବେ
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଅର୍ଥନୈତିକ ବିଶେଷଜ୍ଞମାନଙ୍କ ସହ ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକ ଜାରି
- ପୁରୀ ଜିଲ୍ଲା ପିପିଲି ବ୍ଲକ୍‌ରୁ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ସର୍ଭେ କାମ

ଏବଂ

- ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କନ୍ୟାମାନଙ୍କର ସଶକ୍ତୀକରଣ ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ କନ୍ୟାଦିବସ

## ଉତ୍କର୍ଷ ଓଡ଼ିଶା

ଭୁବନେଶ୍ୱର ଜନତା ମଇଦାନରେ ଆସନ୍ତା ମଙ୍ଗଳବାର ଦିନ ଅନୁଷ୍ଠିତ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସିବେ। ପ୍ରଧାନମନ୍ତ୍ରୀ ୨୮ ତାରିଖ ସକାଳ ୧୦ଟା ୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଜନତା ମଇଦାନକୁ ଯିବେ ବୋଲି ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କହିଛନ୍ତି। ସମ୍ମିଳନୀରେ ବିଭିନ୍ନ ଦେଶର ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଶିଳ୍ପୋଦ୍ୟୋଗୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଏବଂ ପୁଞ୍ଜିନିବେଶ ପାଇଁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଏହି ସମ୍ମିଳନୀ ଆୟୋଜନ କରାଯାଉଛି।

## ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ପ୍ରାକ୍-ବଜେଟ୍ ପ୍ରସ୍ତୁତି ବୈଠକ ଜାରି ରହିଛି। ବୈଠକରେ ଅର୍ଥନୈତିକ ବିଶେଷଜ୍ଞ, ପୂର୍ବତନ ଅର୍ଥମନ୍ତ୍ରୀ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷମାନେ ଯୋଗଦେଇଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷପାଇଁ ଆସନ୍ତାମାସ ୧୩ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭାରେ ବଜେଟ୍ ଉପସ୍ଥାପନ କରାଯିବ। ଗୃହରେ ୧୭ ତାରିଖରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ବଜେଟ୍ ଉପସ୍ଥାପନ କରିବେ ।

## ପି.ଏମ୍. ଆବାସ ଯୋଜନା ସର୍ଭେ

**ପୁରୀ** ଜିଲ୍ଲା ପିପିଲି ବ୍ଲକ୍ ଅର୍ଜୁନସିଂପୁର ଗ୍ରାମରୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାର ସର୍ଭେ କାର୍ଯ୍ୟକୁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ନାଏକ ଅର୍ଜୁନସିଂପୁର ଗ୍ରାମର ୫ ଜଣ ହିତାଧିକାରୀଙ୍କୁ ଆବାସ ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି। ରାଜ୍ୟରେ ଥିବା ସମସ୍ତ ଗରିବ ବାସହରା ଲୋକମାନଙ୍କୁ  ଏହି ଯୋଜନା ମାଧ୍ୟମରେ ଘର ପ୍ରଦାନ କରାଯିବ। ବାତ୍ୟା ଫନୀରେ ବାସ ହରାଇଥିବା ଲୋକଙ୍କୁ ଚୟନ କରାଯାଇ ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି...

**- V/O -**

ପ୍ରଥମଥର ପାଇଁ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ନିଜେ ଏହି ଯୋଜନାରେ ସାମିଲ ହେବା ପାଇଁ ସ୍ୱତନ୍ତ୍ର ଆପ୍  ସହ ଆବାସ ଯୋଜନା ସମ୍ପର୍କିତ ସହାୟତାପାଇଁ ସରକାରଙ୍କ ପକ୍ଷରୁ ଟେଲିଫୋନ୍ ନମ୍ବର ୦୬୭୪-୬୮୧୭୭୭୭ ଜାରି କରାଯାଇଛି।

## ସାଂସଦଙ୍କ ଜିଲ୍ଲା ଗସ୍ତ

**କନ୍ଧମାଳ** ଜିଲ୍ଲାର ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀକୁ ସାଂସଦ ସୁକାନ୍ତ ପାଣିଗ୍ରାହୀ ଦିନିକିଆ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ ସହ ଉଦ୍‌ଘାଟନ କରିଛନ୍ତି। ନେତାଜୀ ସୁଭାଷଚନ୍ଦ୍ର ଡିଗ୍ରୀ

କଲେଜରେ ୬ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ୨ଟି ଛାତ୍ରାବାସ ନିର୍ମାଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ କୁଟିଆ ସଂଗ୍ରହାଳୟର ଉଦ୍‌ଘାଟନ କରିଥିଲେ। ଏହି ସଂଗ୍ରହାଳୟ ମାଧ୍ୟମରେ କୁଟିଆ ଆଦିବାସୀ ଜନଜାତିଙ୍କ ବେଶଭୂଷା, ପରମ୍ପରା ସମ୍ପର୍କରେ ଜନସାଧାରଣ ଜାଣିପାରିବେ ବୋଲି ଶ୍ରୀ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି।

## ଉପକୂଳ ସୁରକ୍ଷା ବୈଠକ

ରାଜ୍ୟର ୪୮୦ କିଲୋମିଟର ଦୀର୍ଘ ଉପକୂଳ ସୁରକ୍ଷା ନେଇ ଆଜି ଭୁବନେଶ୍ୱରସ୍ଥିତ ପୁଲିସ୍ ଡିଜିଙ୍କ କ୍ୟାମ୍ପ ଅଫିସ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁପ୍ରବେଶକାରୀଙ୍କୁ ରୋକିବା ଉପରେ ଆଲୋଚନା କରାଯାଇଥିଲା। ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ଏହି ସମସ୍ୟାର ସମାଧାନ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

## ପରେଡ୍ ଅଭ୍ୟାସ

୭୬ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ରାଜ୍ୟସ୍ତରୀୟ ପରେଡ୍ ଅଭ୍ୟାସ ଭୁବନେଶ୍ୱର ଗାନ୍ଧିମାର୍ଗରେ ଅନୁଷ୍ଠିତ ହୋଇଛି। ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ଏହାର ସମୀକ୍ଷା କରିଛନ୍ତି। ଚଳିତଥର ଏହି ପରେଡ୍‌ର ନେତୃତ୍ୱ ଆଇ.ପି.ଏସ୍ ଭୋସଲେ ସୁଭମ୍ ସଞ୍ଜୟ ନେବେ। ପରେଡ୍‌ରେ ୪୩ଟି କଣ୍ଟିଜେଣ୍ଟ ଭାଗ ନେବେ।

# କନ୍ୟା ଦିବସ

ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କନ୍ୟାମାନଙ୍କର ସଶକ୍ତୀକରଣ ବାର୍ତ୍ତା ଏବଂ ସମାଜରେ ଝିଅମାନଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ କନ୍ୟାଦିବସ ପାଳନ କରାଯାଉଛି । ପ୍ରତ୍ୟେକ କ୍ଷେତ୍ରରେ କନ୍ୟାସନ୍ତାନଙ୍କୁ ସମର୍ଥନ କରିବା ଓ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଏହି ଅବସରରେ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯାଉଛି। କନ୍ୟାସନ୍ତାନଙ୍କୁ ସଶକ୍ତ କରିବା, ଉତ୍ତମ ଶିକ୍ଷା, ପ୍ରଯୁକ୍ତିବିଦ୍ୟା, ଦକ୍ଷତା ଓ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଜାତୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରୁ  ପାଳନ କରାଯାଉଛି। ସମସ୍ତ କ୍ଷେତ୍ରରେ କନ୍ୟାସନ୍ତାନଙ୍କ ସଫଳତା ପାଇଁ ଦେଶ ଆଜି ଗର୍ବିତ ବୋଲି **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି। କନ୍ୟା ସନ୍ତାନଙ୍କ ଶକ୍ତି, ସ୍ୱପ୍ନ ଓ ସଫଳତାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଆଜିର ଦିନ ଉଲ୍ଲେଖନୀୟ। ସମସ୍ତେ ଏକାଠି ହୋଇ କନ୍ୟାସନ୍ତାନଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବା ପାଇଁ **ମୁଖ୍ୟମନ୍ତ୍ରୀ** ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। **ଦେବଗଡ଼** ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ମିଶ୍ର ଯୋଗଦେଇ

ଝିଅମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ବିଭିନ୍ନ ଆଇନ୍ ସମ୍ପର୍କରେ ଆଲୋକପାତ କରିଥିଲେ।

## ବକ୍ସି - ପୁଣ୍ୟତିଥି

ମହାନ୍ ବିପ୍ଳବୀ ସହିଦ୍ ବକ୍ସି ଜଗବନ୍ଧୁଙ୍କ ପୁଣ୍ୟତିଥିରେ ଆଜି ଭୁବନେଶ୍ୱର ମ୍ୟୁଜିୟମ୍ ଛକଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସମାଜର ବିଭିନ୍ନ ବର୍ଗର ଲୋକମାନେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ପାଇକ ବିଦ୍ରୋହର ମୁଖ୍ୟ ପୁରୋଧା ବକ୍ସି ଜଗବନ୍ଧୁଙ୍କ ବୀରତ୍ୱର ଗାଥା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସାମାଜିକ ଗଣମାଧ୍ୟମରେ କହିଛନ୍ତି। ବକ୍ସି ଜଗବନ୍ଧୁଙ୍କ ଅଦମ୍ୟ ସାହସ, ତ୍ୟାଗ ଓ ବଳିଦାନକୁ ତାଙ୍କ ପୁଣ୍ୟତିଥିରେ **ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ସ୍ମୃତିଚାରଣ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ମହାନ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ଜୟଦେବ ଭବନରେ ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେବେ।

## ସାଧାରଣତନ୍ତ୍ର ଦିବସ ନିମନ୍ତ୍ରଣ

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ସମାରୋହରେ ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯାଇଛି। **ଭଦ୍ରକ** ଜିଲ୍ଲା ଗବାସାହିର ଦିଗ୍‌ବଳୟ ମଲ୍ଲିକ୍‌ଙ୍କୁ ନିମନ୍ତ୍ରିତ ଅତିଥି

ଭାବେ ଯୋଗଦେବା ପାଇଁ ସୁଯୋଗ ମିଳିଛି।  ଶ୍ରୀ ମଲ୍ଲିକ୍ ମାଛ ଚାଷ କରି କିପରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ସେ ସମ୍ପର୍କରେ ଆକାଶବାଣୀକୁ କହିଛନ୍ତି...

# - V/O -

## ତୁଳା ବେହେରା

ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସରକାରୀ କ୍ୟାଲେଣ୍ଡରର ଜାନୁୟାରୀ ମାସର ଫଟୋ ଗ୍ୟାଲେରୀରେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୁଳା ବେହେରାଙ୍କୁ ସମ୍ମାନିତ କରୁଥିବା ଫଟୋ ସ୍ଥାନିତ ହୋଇଛି। **କନ୍ଧମାଳ** ଜିଲ୍ଲା ଫୁଲବାଣୀ ସହରର ତୁଳା ବେହେରା ଭିକ୍ଷାବୃତ୍ତିରୁ ଅର୍ଜିତ ୧ ଲକ୍ଷ ଟଙ୍କା ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଦାନ କରିଛନ୍ତି। ତାଙ୍କର ଏହି କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ଫୁଲବାଣୀ ଗସ୍ତ ସମୟରେ ପ୍ରଶଂସା କରିଥିଲେ। ତୁଳା ବେହେରା ତାଙ୍କ ପ୍ରତିକ୍ରିୟାରେ ଆକାଶବାଣୀକୁ କହିଛନ୍ତି...

# - V/O -

## ମାଣ୍ଡିଆ ସଂଗ୍ରହ

**ପୁରୀ** ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ନାଥପୁର ଗ୍ରାମରେ ମାଣ୍ଡିଆ ମଣ୍ଡିକୁ ବିଧାୟିକା ଉପାସନା ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ୩୭୫ ଜଣ ଚାଷୀଙ୍କ ମଧ୍ୟରୁ ୧୬୨ ଜଣ ଚାଷୀ ମାଣ୍ଡିଆ ବିକ୍ରୟ ପାଇଁ କୃଷକ ଓଡ଼ିଶା ପୋର୍ଟାଲରେ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କଠାରୁ ୩୦୦ କୁଇଣ୍ଟାଲ ମାଣ୍ଡିଆ

ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ମାଣ୍ଡିଆ କ୍ରୟ ପାଇଁ ଚାଷୀମାନଙ୍କୁ କୁଇଣ୍ଟାଲ ପିଛା ୪ ହଜାର ୫୦୦ ଟଙ୍କା ଡିବିଟି ମାଧ୍ୟମରେ ଦିଆଯିବ।

## ବାର୍ଷିକ ଉତ୍ସବ

**ଖୋର୍ଦ୍ଧା** ଜିଲ୍ଲାର ଚିଲିକା ଜୁଡିସିଆଲ୍ କୋର୍ଟ ପ୍ରତିଷ୍ଠାର ଚତୁର୍ଥ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଚିଲିକା ଓକିଲ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ବାର୍ ଓ ବେଞ୍ଚ ମଧ୍ୟରେ ସମନ୍ୱୟ ରକ୍ଷା କରି ଆଇନ୍‌ଜୀବୀମାନେ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଛି।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ରାଞ୍ଚି ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଆଜି ସନ୍ଧ୍ୟା ୬ଟାରେ ମହିଳା ବର୍ଗରେ ସୁର୍‌ମା ହକି କ୍ଲବ୍ ଓ ବେଙ୍ଗଲ୍ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ପୁରୁଷବର୍ଗରେ ଅନ୍ୟଏକ ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ ବେଙ୍ଗଲ୍ ଟାଇଗର୍ସ ଓ କଳିଙ୍ଗ ଲାନ୍ସର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।